This question paper contains 3 printed pages]

*Your Roll No*........................

**7899**

**CERTIFICATE** **A**

ORIYA—Paper II

*Time* : 3 *Hours* *Maximum Marks* : 100

*(Write your Roll No. on the top immediately on receipt of this question paper.)*

Answer *all* the questions.

1. ନିମ୍ନ ଅନୁଚ୍ଛେଦଟି ପାଠକରି ଏହାର ଶେଷରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ। 5×5

ଗଳ୍ପ କ୍ଷେତ୍ରରେ ଅନୁସୃଜନ, ଭାବ ବିନିମୟ ନିମିତ୍ତ ସହାୟକ ହେବା ସହିତ ଗାଳ୍ପିକ ଦକ୍ଷତାର ପରାକାଷ୍ଠାକୁ ପ୍ରତିପାଦନ କରିଥାଏ। ଏହି ଅନୁସୃତି ବା ଅନୁକୃତି ମାଧ୍ୟମରେ ଗାଳ୍ପିକ ନିଜସ୍ୱ ଭାଷା ସାହିତ୍ୟର ସୀମା ଅତିକ୍ରମ କରି ବିଶ୍ୱ ସାହିତ୍ୟରେ ତାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରେ। ଯେଉଁ ଗାଳ୍ପିକଙ୍କର ସୃଷ୍ଟି ଆଞ୍ଚଳିକତାର ସଂକୀର୍ଣ୍ଣତାରୁ ମୁକ୍ତ ହୋଇ ସାର୍ବଜନିକ, ସାର୍ବକାଳିକ ଚେତନାକୁ ବ୍ୟକ୍ତ କରନ୍ତି ସେହି ସବୁ କୃତିର ଅନୁସୃଜନ ହେବା ଏକାନ୍ତ ସ୍ପୃହଣୀୟ। ଗାଳ୍ପିକ ସବୁ ସମୟରେ ସମ୍ମାନ ପ୍ରାପ୍ତି ବା ପଦପଦବୀରେ ଲାଳାୟିତ ନହୋଇ କୃତିତ୍ୱର

P.T.O.

ଉତ୍କର୍ଷ ସାଧନରେ ନୀରବ ଓ ନିରଳସ ସାଧକ ଭାବରେ କର୍ତ୍ତବ୍ୟ ପଥରେ ଆଗେଇବା ବିଧେୟ । ଖୁବ୍ କମ୍ ଲେଖକ ଏ ପ୍ରକାର ଗୁଣର ଅଧିକାରୀ ହୋଇଥାନ୍ତି । ଯେଉଁମାନେ ପୁରସ୍କାର ବା ସମ୍ମାନ ପ୍ରାପ୍ତିର ଲାଳସା ବର୍ଜନ କରି ସମୟ ସହିତ ତାଳଦେଇ ଲେଖନୀ ଚାଳନ କରିଥାନ୍ତି ସେମାନେ ଦିନେ ଜଣେ ପ୍ରତିଷ୍ଠିତ ଗାଳ୍ପିକ ବା ଲେଖକ ଭାବରେ ନିଜକୁ ଦେଶରେ ପରିଚିତ କରାଇ ପାରିଥାନ୍ତି ।

(କ) ଲେଖକ ବିଶ୍ୱସାହିତ୍ୟ କ୍ଷେତ୍ରରେ ପରିଚିତ ହୋଇ ପାରିଥାଏ କିପରି ?

(ଖ) ଗାଳ୍ପିକ କିପରି ହେବା ଉଚିତ ?

(ଗ) ସାହିତ୍ୟ ସୃଷ୍ଟି ଆଞ୍ଚଳିକତାର ମୁକ୍ତ ହୋଇ କିପରି ହେବା କଥା ?

(ଘ) ଲେଖକ ନିଜକୁ କିପରି ପ୍ରତିଷ୍ଠିତ କରାଇପାରିବେ ?

(ଙ) ଅନୁଚ୍ଛେଦଟି ନିମନ୍ତେ ଉପଯୁକ୍ତ ଶୀର୍ଷକ ପ୍ରଦାନ କର ।

2. ଯେ କୌଣସି **ଗୋଟିଏ** ବିଷୟରେ ପ୍ରବନ୍ଧ ଲେଖ। 15

(କ) ଆମ ଓଡ଼ିଶା

(ଖ) ସମ୍ବାଦ ପତ୍ର

(ଗ) ଭାରତବର୍ଷରେ ଓଡ଼ିଶାର ସ୍ଥାନ

3. ନିଜ ଅଞ୍ଚଳର ଏକ ଦର୍ଶନୀୟ ସ୍ଥାନର ବର୍ଣ୍ଣନା ଦେଇ ବନ୍ଧୁଙ୍କ ନିକଟକୁ ପତ୍ର ଲେଖ। 15

4. ମନରୁ ଏକ ଗଳ୍ପ ଲେଖ। 15

5. ଓଡ଼ିଆ ଭାଷାର କ୍ରମବିକାଶ ଦର୍ଶାଇ ପ୍ରବନ୍ଧ ଲେଖ। 15

6. ଓଡ଼ିଆ ସାହିତ୍ୟରେ ତୁମର ଜଣେ ପ୍ରିୟ ଲେଖକଙ୍କର କୃତି ସଂପର୍କରେ ଆଲୋକପାତ କର। 15